**ICSE SEMESTER — I EXAMINATION**

**SPECIMEN QUESTION PAPER**

**ODIA**

**(Second Language)**

*Maximum Maks 40*

*Time allowed: One and a half hour (inclusive of reading time)*

*The marks intended for questions are given in brackets [ ].*

---

***Select the correct option for each of the following questions.***

---

**SECTION —A (20 Marks)**

1. **ଛାତ୍ରଜୀବନର ସମସ୍ୟା ଓ ତା'ର ସମାଧାନ** **[10 × 1]**

ଜାତିର ଜନକ ମହାତ୍ମା ଗାନ୍ଧୀ ଛାତ୍ର ଶବ୍ଦର ଏକ ଚମତ୍କାର ପ୍ରତିଶବ୍ଦ ନିର୍ଣ୍ଣୟ କରିଥିଲେ । ତାହା ହେଲା ବ୍ରହ୍ମଚାରୀ । ତେବେ ସାଧାରଣ ଅର୍ଥରେ ବିଦ୍ୟା ଅଧ୍ୟୟନ ପାଇଁ ନିଜକୁ ନିୟୋଜିତ କରିଥିବା ବ୍ୟକ୍ତିକୁ ଛାତ୍ର କୁହାଯାଏ । ବିଦ୍ୟା ସମ୍ବନ୍ଧରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ଉଲ୍ଲେଖ କରାଯାଇଛି ଯେ, "ସା ବିଦ୍ୟା ଯା ବିମୁକ୍ତୟେ" ଅର୍ଥାତ୍ ତାହା ହିଁ ବିଦ୍ୟା ଯାହା ମୁକ୍ତି ପ୍ରଦାନ କରେ । ତେଣୁ ସେହିମାନେ ହିଁ ଯଥାର୍ଥରେ ଛାତ୍ର ଯେଉଁମାନେ ମୁକ୍ତିର ମାର୍ଗ ଆଡକୁ ନିଜକୁ ପ୍ରଧାବିତ କରନ୍ତି ।

ଛାତ୍ରାବସ୍ଥା ଏକ ସମୟ ନୁହେଁ - ଏକ ପ୍ରକ୍ରିୟା । ଏହି ପ୍ରକ୍ରିୟା ରେ ମଣିଷ-ଶିଶୁ ପାଦ ଦେଲେ ତାର ଚିନ୍ତା ଓ ଚେତନା ତ ଉତ୍ତରୋତ୍ତର ଉନ୍ନତି ହୁଏ । ସେ ଚାହେଁ ଏକ ସଭ୍ୟସମାଜ ଗଠନ କରିବ, ସୁସ୍ଥ ସାମାଜିକ ପରିବେଶ ସୃଷ୍ଟି କରିବ । ଛାତ୍ର ର ଏହି ଚିନ୍ତାଧାରା ଦେଶ ଓ ଜାତିପାଇଁ ହିତକର । କାରଣ ଛାତ୍ର ହିଁ ଏ ଦେଶର ଭବିଷ୍ୟତର ଆଶା ଓ ବର୍ତ୍ତମାନର ଉତ୍ସ । ତା'ର ସ୍ୱାଧୀନ ଚିନ୍ତାଧାରା ବ୍ୟାହତ ହେଲେ ଦେଶର ପ୍ରଗତି ହେବ ବାଧାପ୍ରାପ୍ତ । ତା'ର ପ୍ରକୃତିକୁ ନିୟନ୍ତ୍ରଣ କଲେ ସେ ହେବ ବିପ୍ଳବୀ । ଏଭଳି ଏକ ଚଳଚଂଚଳ ଝରଣାକୁ ପ୍ରତିହତ କରିବା ଅର୍ଥ ଦେଶର ଅଗ୍ରଗତିକୁ ପ୍ରତିରୋଧ କରିବା । କିନ୍ତୁ ପ୍ରଚଳିତ ସମାଜରେ ଛାତ୍ରଜୀବନରେ ଅନେକ ସମସ୍ୟା ସୃଷ୍ଟି ହୋଇଛି । ଏହିସବୁ ସମସ୍ୟାର ସମଷ୍ଟି ଛାତ୍ରଜୀବନକୁ ବିଶୃଙ୍ଖଳିତ କରିଛି । ଲକ୍ଷ୍ୟ ସିଦ୍ଧି ପାଇଁ ଯେଉଁ କଠୋର ସାଧନା, ଏକାଗ୍ରତା ଦରକାର ତାହା ପରିସ୍ଥିତିର ଚାପରେ ବିଡ଼ମ୍ବିତ ହୋଇଯାଇଛି । ବିଭିନ୍ନ ସମସ୍ୟାର ସମଷ୍ଟି ସେମାନଙ୍କୁ କୁକର୍ମ ତଥା ଅସାମାଜିକ କାର୍ଯ୍ୟ କରିବା ପାଇଁ ବାଧ୍ୟ କରିଛି । ଏହାର ଶେଷ ପରିଣତି ଯେ କିପରି ଭୟାବହ ତାହା ଆଜିର ବୁଦ୍ଧିଜୀବୀ ମହଲରେ ଆଲୋଚ୍ୟ ବିଷୟ ହୋଇ ରହିଛି ।

**ନିମ୍ନଲିଖିତ ପ୍ରଶ୍ନ ଗୁଡିକର ସଠିକ ଉତ୍ତର ବାଛ**

1. ମହାତ୍ମାଗାନ୍ଧୀଙ୍କ ଅନୁସାରେ ଛାତ୍ର ଶବ୍ଦର ପ୍ରତିଶବ୍ଦ କ'ଣ ? [1]

   (i) ଶିକ୍ଷାର୍ଥୀ (ii) ବ୍ରହ୍ମଚାରୀ

   (iii) ସଦାଚାରୀ (iv) ବିଦ୍ୟାର୍ଥୀ

2. ବିଦ୍ୟା ଅଧ୍ୟୟନ ପାଇଁ ନିଜକୁ ନିୟୋଜିତ କରିଥିବା ବ୍ୟକ୍ତି କ'ଣ କୁହାଯାଏ ? [1]

(i) ଛାତ୍ର (ii) ଶିକ୍ଷକ

(iii) ଜ୍ଞାନୀ (iv) ପଣ୍ଡିତ

3. ବିଦ୍ୟା କ'ଣ ପ୍ରଦାନ କରେ ? [1]

(i) ଶାନ୍ତି (ii) ବୁଦ୍ଧି

(iii) ମୁକ୍ତି (iv) ଜ୍ଞାନ

4. ଛାତ୍ରର କେଉଁ ଚିନ୍ତାଧାରା ଦେଶ ଓ ଜାତି ପାଇଁ ହିତକର ? [1]

(i) ସଭ୍ୟ ସମାଜ ଗଠନ କରିବା

(ii) ଶାନ୍ତିରେ ରହିବା

(iii) ନିଜର ଉନ୍ନତି କରିବା

(iv) ସୁଖରେ ରହିବା

5. ଦେଶର ପ୍ରଗତି କିପରି ବାଧାପ୍ରାପ୍ତ ହୁଏ ? [1]

(i) ଛାତ୍ରର ସ୍ୱାଧୀନ ଚିନ୍ତାଧାରା ବ୍ୟାହତ ନ ହେଲେ ।

(ii) ଛାତ୍ରର ସ୍ୱାଧୀନ ଚିନ୍ତାଧାରା ବ୍ୟାହତ ହେଲେ ।

(iii) ଗୁରୁଙ୍କର ସ୍ୱାଧୀନ ଚିନ୍ତାଧାରା ବ୍ୟାହତ ନ ହେଲେ ।

(iv) ଗୁରୁଙ୍କର ସ୍ୱାଧୀନ ଚିନ୍ତାଧାରା ବ୍ୟାହତ ହେଲେ ।

6. କ'ଣ କଲେ ଛାତ୍ର ବିପ୍ଳବୀ ହୁଏ ? [1]

(i) ତା'ର ପ୍ରକୃତିକୁ ନିୟନ୍ତ୍ରଣ କଲେ ।

(ii) ତା'ର ପ୍ରକୃତିକୁ ନିୟନ୍ତ୍ରଣ ନ କଲେ ।

(iii) ତା'ର ଉନ୍ନତି ପଥରେ ବାଧା ଦେଲେ ।

(iv) ତା'ର ଉନ୍ନତି ପଥରେ ବାଧା ନ ଦେଲେ ।

7. କେଉଁ କାରଣ ଯୋଗୁଁ ଛାତ୍ରଜୀବନ ବିଶୃଙ୍ଖଳିତ ହୁଏ ? [1]

(i) ତା'ର ପଥ ଅବରୋଧ କରିବା ଯୋଗୁଁ ।

(ii) ତା'ର ପଥ ଅବରୋଧ ନ କରିବା ଯୋଗୁଁ ।

(iii) ତା'ର ନିଜ ଜୀବନର ସମସ୍ୟା ଯୋଗୁଁ ।

(iv) ତା'ର ନିଜ ପରିବାରର ସମସ୍ୟା ଯୋଗୁଁ ।

୫. ଲକ୍ଷ୍ୟ ସିଦ୍ଧି ପାଇଁ କ'ଣ ଆବଶ୍ୟକ ? [1]

(i) ବ୍ରତ ଉପବାସ (ii) ସହନଶୀଳତା
(iii) ଦକ୍ଷତା (iv) କଠୋର ସାଧନା

୨. ଛାତ୍ର ଅସାମାଜିକ କାର୍ଯ୍ୟ କଲେ ତା'ର ପରିଣତି କ'ଣ ହୁଏ ? [1]

(i) ଭୟାବହ ହୁଏ (ii) ଦୁଃଖପୂର୍ଣ୍ଣ ହୁଏ
(iii) ମହା ବିନାଶ ହୁଏ (iv) ପ୍ରଗତି ବାଧାପ୍ରାପ୍ତ ହୁଏ

10. ଦେଶର ଭବିଷ୍ୟତର ଆଶା କିଏ ? [1]

(i) ଗୁରୁ (ii) ବୁଦ୍ଧିଜୀବୀ
(iii) ଛାତ୍ର (iv) ବିପ୍ଳବୀ

2. **ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।** **[10 × 1]**

1. 'ପକ୍ଷୀ'ର ପ୍ରତିଶବ୍ଦ ଲେଖ । [1]

(i) କାଳ (ii) ଶ୍ୱେତା
(iii) ଦ୍ୱିଜ (iv) ପିକ୍

2. 'ଉର୍ଦ୍ଧ୍ୱ'ର ବିପରୀତ ଶବ୍ଦ ଲେଖ । [1]

(i) ଅଧ (ii) ଅଧଃ
(iii) ଅଧୋ (iv) ଅଧୋଃ

3. 'ଅଂଶ-ଅଂସ' - ଅର୍ଥଗତ ପାର୍ଥକ୍ୟ ଦର୍ଶାଓ । [1]

(i) କାନ୍ଧ = ଭାଗ (ii) ବଂଶ = ହଂସ
(iii) ଭାଗ = କାନ୍ଧ (iv) ଚନ୍ଦ୍ର = ସଂଖ୍ୟା

4. 'ଦଣ୍ଡ'ର ଅନେକ ଅର୍ଥ ଗୁଡିକ ଲେଖ । [1]

(i) ନାଚ, ବାଦ୍ୟଯନ୍ତ୍ର (ii) ଛତା, ବାଡି
(iii) ବାଡି, ଶାସ୍ତି (iv) ନିକିତି, ମୂଳ

5. 'ଜାଣିବାର ଇଚ୍ଛା' - ଏକ ପଦରେ କ'ଣ ହେବ ? [1]

(i) ଜିଗୀଷା (ii) ଜିଜ୍ଞାଷା
(iii) ଜିଘାଂସା (iv) ଜିଜ୍ଞାସା

6. ପ୍ରବାଦଟିର ଅର୍ଥ ଲେଖ । [1]

'ମୁଣ୍ଡ ଝାଳ ତୁଣ୍ଡରେ ମାରିବା'

(i) ଖୁବ୍ ତୃଷା ଲାଗିବା (ii) ଅନ୍ୟର କ୍ଷତି କରିବା
(iii) ସମସ୍ୟାରେ ପଡିବା (iv) କଠିନ ପରିଶ୍ରମ କରିବା

7. ରୂଢ଼ିଟିର ଅର୍ଥ ଲେଖ । [1]

'ଗୁଣି ହେବା'

(i) ଚିନ୍ତିତ ହେବା (ii) ଅପମାନିତ ହେବା

(iii) ମନେ ପକାଇବା (iv) ଧ୍ୟାନ ଦେବା

8. 'ହୃଷ୍ଟପୁଷ୍ଟ'କୁ ଶୁଦ୍ଧ କରି ଲେଖ । [1]

(i) ହୃଷ୍ଟପୁଷ୍ଟ (ii) ହୁଷ୍ଟପୃଷ୍ଟ

(iii) ହୃଷ୍ଟପୃଷ୍ଟ (iv) ହୁଷ୍ଟପୁଷ୍ଟ

9. କେଉଁଟା ଠିକ୍ ବାକ୍ୟ ? [1]

(i) ବହୁତ ରୁଚିକୁ ବୁଝାବୁଝି ବିଦା କଲେ ସେ କରି ।

(ii) ବୁଝାବୁଝି ବହୁତ କରି ସେ ବିଦା କଲେ ରୁଚିକୁ ।

(iii) ସେ ବିଦାକଲେ ବହୁତ ରୁଚିକୁ କରି ବୁଝାବୁଝି ।

(iv) ରୁଚିକୁ ବହୁତ ବୁଝାବୁଝି କରି ବିଦା କଲେ ସେ ।

10. ଉଦ୍ଧୃତାଂଶଟିରେ ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।

"ହେ ମହାପ୍ରଭୁ ଆମ୍ଭେମାନେ ମହା ପାପିଷ୍ଠ ଅପରାଧୀ ପ୍ରଭୁ କ୍ଷମା ନ କଲେ ଆଉ କିଏ ଜଗତରେ ଅଛି " [1]

(i) , ! ? । (ii) ? । , !

(iii) । , ? ! (iv) ! , । ?

**SECTION — B (20 Marks)**

(ଯେ କୌଣସ ଦୁଇଟି ବହି ରୁ ପ୍ରଶ୍ନ ଦିଆଯିବ)

***Answer questions from the two books you have studied.***

## ଜ୍ଞାନାଞ୍ଜଳି (କବିତା ବିଭାଗ)

## ମହିମା (ଗଙ୍ଗାଧର ମେହେର)

**3. ନିମ୍ନରେ ଥିବା ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ବାଛି ଉତ୍ତର ଦିଅ ।** **[10 × 1]**

1. ପରଠାରୁ ଦୁଃଖକଷ୍ଟ ପାଇଲେ ମଧ୍ୟ ମହତ ବ୍ୟକ୍ତିମାନେ କ'ଣ କରନ୍ତି ? [1]

(i) ପରକୁ ଉତ୍ସାହିତ କରିଥାନ୍ତି । (ii) ପରକୁ ଆନନ୍ଦିତ କରିଥାନ୍ତି ।

(iii) ପରକୁ ଉପଦେଶ ଦେଇଥାନ୍ତି । (iv) ପରକୁ କଷ୍ଟ ଦେଇଥାନ୍ତି ।

2. "ନମ୍ରନ୍ତି ଫଳିନୋ ବୃକ୍ଷା, ନମ୍ରନ୍ତି ଗୁଣିନୋ ଜନାଃ" ଏହା କେଉଁ ଉଦାହରଣରୁ ସ୍ପଷ୍ଟ ହୁଏ ? [1]

(i) ଦୟା ଗୁଣକୁ (ii) ଉପକାର ଗୁଣକୁ

(iii) ଉଦ୍ଧତ ଗୁଣକୁ (iv) ନମ୍ର ଗୁଣକୁ

3. ଚ଼ନ୍ଦ୍ରଦୀପ କ'ଣ କରେ ? [1]

(i) ପୃଥିବୀକୁ ଆଲୋକିତ କରିବା ସହ ଆନନ୍ଦ ପ୍ରଦାନ କରିଥାଏ ।

(ii) ପୃଥିବୀକୁ ଆଲୋକିତ କରିଥାଏ ।

(iii) ଚନ୍ଦ୍ରକୁ ଆଲୋକିତ କରିବା ସହ ଆନନ୍ଦି ପ୍ରଦାନ କରିଥାଏ ।

(iv) ଆକାଶ ମାର୍ଗରେ ଥିବା ଚ଼ନ୍ଦ୍ର, ଗ୍ରହ ନକ୍ଷତ୍ରକୁ ଆଲୋକିତ କରିଥାଏ ।

4. ଦିନକର ପ୍ରିୟା କିଏ ? [1]

(i) ଗୋଲାପ (ii) କଇଁ

(iii) ପଦ୍ମ (iv) ପଦ୍ମନାଡ଼

5. କ୍ଷୁଦ୍ର କେତେବେଳେ ମହତ ହୁଏ ? [1]

(i) କ୍ଷୁଦ୍ର ଶିକ୍ଷକଙ୍କ ସାନ୍ନିଧ୍ୟ ଲାଭ କରି

(ii) କ୍ଷୁଦ୍ର ମହତର ସାନ୍ନିଧ୍ୟ ଲାଭ କରି

(iii) କ୍ଷୁଦ୍ର ମୃତ ବ୍ୟକ୍ତିର ସାନ୍ନିଧ୍ୟ ଲାଭ କରି

(iv) କ୍ଷୁଦ୍ର ପବିତ୍ର ଲୋକଙ୍କ ସାନ୍ନିଧ୍ୟ ଲାଭ କରି

6. ହିମାଳୟ ଓ ବାରପାହାଡ଼ରେ କ'ଣ ମିଳିଥାଏ ? [1]

(i) ଶୂକର ଓ ଶ୍ୱେତ ବର୍ଣ୍ଣର ହାତୀ

(ii) କୃଷ୍ଣ ବର୍ଣ୍ଣର ହାତୀ ଓ ଶୂକର

(iii) ଶ୍ୱେତ ବର୍ଣ୍ଣର ହାତୀ ଓ ଶୂକର

(iv) ହାତୀ ଓ ଶୂକର

7. କିଏ ହୀନବୀସ ହୁଏ ନାହିଁ ? [1]

(i) ବଗିଚ଼ାରେ ପ୍ରସ୍ଫୁଟିତ ତୁଳସୀ

(ii) ବନରେ ଫୁଟିଥିବା ତୁଳସୀ

(iii) ଶ୍ମଶାନ ଜାତ ତୁଳସୀ

(iv) ଶ୍ମଶାନ ଜାତ ତୁଳସି

8. ମେଘମାଳା ଦେହରେ କ'ଣ ଜନ୍ମ ହୋଇଥାଏ ? [1]

(i) ବଜ୍ର (ii) ବିଜୁଳି

(iii) ଘଡ଼ଘଡ଼ି (iv) ଉଜ୍ଜ୍ୱଳ ଆଲୋକ

9. କିଏ ତୃଷ୍ଣାର୍ତ୍ତ ପଥିକର ତୃଷ୍ଣା ଦୂର କରିଥାଏ ? [1]

(i) ଅଶ୍ୱତ୍ଥ ତରୁ (ii) କଦଳୀ ଗଛ

(iii) ମରୁତରୁ (iv) ପାଛ ତରୁ

10. କେଉଁମାନେ ମହତ ବ୍ୟକ୍ତିର ବଚନକୁ ବୁଝିପାରନ୍ତି ନାହିଁ ? [1]

(i) ମୂଢ଼ମାନେ (ii) ମୁଢ଼ମାନେ

(iii) ବିଜ୍ଞମାନେ (iv) ଅଜ୍ଞମାନେ

4. **ଗଳ୍ପ - ଭଦ୍ରଲୋକ (ପ୍ରତିଭା ରାୟ)** **[10 × 1]**

1. ଶୁଭଦା କିଏ ? [1]

(i) ଡାକ୍ତରାଣୀ (ii) ଅଧ୍ୟାପିକା

(iii) ନାରୀ ନେତ୍ରୀ (iv) ଅଭିନେତ୍ରୀ

2. କିଏ ଶୁଭଦା ଦାଣ୍ଡ ଦୁଆରୁ ଚ଼ାରି ଚ଼ାରି ଥର ସାକ୍ଷାତ ନ କରି ଫେରିଥିଲେ ? [1]

(i) ଜଗନ୍ନାଥ ମାଷ୍ଟ୍ର (ii) ଦୀନବନ୍ଧୁ ମାଷ୍ଟ୍ର

(iii) ନାରାୟଣ ମାଷ୍ଟ୍ର (iv) ନାରଣ ମାଷ୍ଟ୍ର

3. ମାଷ୍ଟ୍ରେ ଶେଷଥର କେଉଁ ଦିନ ସକାଳେ ଆସି ଫେରିଛନ୍ତି ବୋଲି ଚ଼ିଠିରେ ଲେଖାଥିଲା ? [1]

(i) ବୁଧବାର (ii) ଗୁରୁବାର

(iii) ଶନିବାର (iv) ରବିବାର

4. କେଉଁ ନାମ ବଦଳାଇ ନାରଣ ମାଷ୍ଟ୍ର ଶୁଭଦା ରଖିଥିଲେ ? [1]

(i) ଭାଗ୍ୟ ଲକ୍ଷ୍ମୀ (ii) ଶୁଭଶ୍ରୀ

(iii) ଶୁଭଲକ୍ଷ୍ମୀ (iv) ସରସତୀ

5. ମାଷ୍ଟ୍ରଙ୍କୁ ପ୍ରଣାମ କରିବା କାହାକୁ ପ୍ରଣାମ କରିବା ସମାନ ବୋଲି ଶୁଭଦା ମନେ କରୁଥିଲେ ? [1]

(i) ମହାଦେବ (ii) ଜଗନ୍ନାଥ

(iii) ବ୍ରହ୍ମା (iv) ବଳଭଦ୍ର

6. ଭଦ୍ରଲୋକ ଗଳ୍ପର ଲେଖିକା କିଏ ? [1]

(i) ବିଦ୍ୟୁତପ୍ରଭା ଦେବୀ (ii) କୁନ୍ତଳା କୁମାରୀ ସାବତ

(iii) ଲକ୍ଷ୍ମୀ ଚାନ୍ଦ (iv) ଡ଼କ୍ଟର ପ୍ରତିଭା ରାୟ

7. ନାରଣ ମାଷ୍ଟରଙ୍କ ପୁଅର ନାମ କ'ଣ ? [1]

(i) ନରେଶ (ii) ନାରାୟଣ

(iii) ନବୀନ (iv) ନବ କିଶୋର

8. ଶୁଭଦାଙ୍କ ବାପା ନାରଣ ମାଷ୍ଟରଙ୍କୁ ତାଙ୍କ ସାନଝିଅ ବାହାଘର ବେଳେ କେତେ ଟଙ୍କା ଦେଇଥିଲେ ? [1]

(i) ଦଶ ହଜାର (ii) ଦୁଇ ହଜାର

(iii) ପାଞ୍ଚ ହଜାର (iv) ବାର ହଜାର

9. ଶୁଭଦାଙ୍କ ମୁହଁ କାହିଁକି ରଙ୍ଗା ପଡ଼ି ଯାଇଥିଲା ? [1]

(i) ଦୁଃଖ ଓ ଗ୍ଲାନିରେ (ii) ଲଜ୍ଜାରେ

(iii) କ୍ରୋଧରେ (iv) ଅପମାନରେ

10. ନବୀନ ଲେଖିଥିବା ଚିଠିର କେତେଦିନ ପୂର୍ବରୁ ନାରଣ ମାଷ୍ଟରଙ୍କ ମୃତ୍ୟୁ ହୋଇଥିଲା ? [1]

(i) ପାଞ୍ଚ ଦିନ (ii) ଦଶ ଦିନ

(iii) ପନ୍ଦର ଦିନ (iv) କାଡ଼ିଏ ଦିନ

## ଏକାଙ୍କିକା

**Ekankika** **[10 × 1]**

## ପେଟୁ (ପ୍ରାଣବନ୍ଧୁ କର)

5. 1. ଜଳଖିଆ ଆଲମାରି ଉପରେ ଗଣେଶଙ୍କ ଭୋଗ ଥାଳିରେ କେତେଫାଳ ନଡ଼ିଆ ଥିଲା ? [1]

(i) ଗୋଟିଏ ଫଳ ନଡ଼ିଆ ଥିଲା ।

(ii) ଦି' ପାଳ ନଡ଼ିଆ ଥିଲା ।

(iii) ତିନିଫାଳ ନଡ଼ିଆ ଥିଲା ।

(iv) ଚାରିଫାଳ ନଡ଼ିଆ ଥିଲା ।

2. ରାଧୀ ଚେମାକୁ କ'ଣ ଖାଉଥିବାର ଦେଖିଲା ? [1]

(i) ରାଧୀ ଚେମାକୁ ନଡ଼ିଆ ଖାଉଥିବାର ଦେଖିଲା ।

(ii) ରାଧୀ ଚେମାକୁ ରାଶି ଲଡୁ ଖାଉଥିବାର ଦେଖିଲା ।

(iii) ରାଧୀ ଚେମାକୁ ବରା ଖାଉଥିବାର ଦେଖିଲା ।

(iv) ରାଧୀ ଚେମାକୁ ପାଉଁଶ ଖାଉଥିବାର ଦେଖିଲା ।

3. ମିଲି କିଏ ? [1]

(i) ସତୀକାନ୍ତ ବାବୁଙ୍କ ପତ୍ନୀ

(ii) ସତୀକାନ୍ତ ବାବୁଙ୍କ ଚାକରାଣୀ

(iii) ସତୀକାନ୍ତ ବାବୁଙ୍କ ଭଉଣୀ

(iv) ସତୀକାନ୍ତ ବାବୁଙ୍କ କନ୍ୟା

4. ମିଲିର ଟିଣ ଡବାରେ କେତେ ପଇସା ଥିଲା ? [1]

(i) ମିଲିର ଟିଣ ଡବାରେ ଦୋ ଅଣିଟିଏ ଥିଲା ।

(ii) ମିଲିର ଟିଣ ଡବାରେ ଦୋ ଆ୦ଣିଟିଏ ଥିଲା ।

(iii) ମିଲିର ଟିଣ ଡବାରେ ଦୋ ଟଙ୍କାଟିଏ ଥିଲା ।

(iv) ମିଲିର ଟିଣ ଡବାରେ ଚାରଣିଟିଏ ଥିଲା ।

5. "ଶଳାକୁ ଭାତ ବେକା ମାଇଲା" ଉକ୍ତ ଉକ୍ତିଟି କିଏ କାହା ଉଦ୍ଦେଶ୍ୟରେ କହିଛନ୍ତି ? [1]

(i) ସତୀକାନ୍ତ ବାବୁ ମିଟୁ ଉଦ୍ଦେଶ୍ୟରେ କହିଛନ୍ତି ।

(ii) ପ୍ରତିମା ଦେବୀ ମଦନ ବାବୁଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

(iii) ମଦନ ଚେମା ଉଦ୍ଦେଶ୍ୟରେ କହିଛି ।

(iv) ମଦନ ବାବୁ ସତୀକାନ୍ତ ବାବୁଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

6. ଚେମାକୁ ପିଲାବେଳେ କିଏ ପାଳିଥିଲେ ? [1]

(i) ଚେମାକୁ ପିଲାବେଳୁ ତା'ର ବାପା ଓ ମାଆ ପାଳିଥିଲେ ।

(ii) ଚେମାକୁ ପିଲାବେଳୁ ସତୀକାନ୍ତ ବାବୁ ପାଳିଥିଲେ ।

(iii) ଚେମାକୁ ପିଲାବେଳୁ ମଦନ ପାଳିଥିଲେ ।

(iv) ଚେମାକୁ ପିଲାବେଳୁ ପ୍ରତିମା ଦେବୀ ପାଳିଥିଲେ ।

7. କଣ୍ଢେଇଟିକୁ କିଏ କେବେ ଚୋରି କରି ଆଣିଥିଲେ ? [1]

(i) କଣ୍ଢେଇଟିକୁ ଚେମା ଦଶରାଜାତରୁ ଚୋରି କରି ଆଣିଥିଲେ ।

(ii) କଣ୍ଢେଇଟିକୁ ମିଟୁ ମେଳାରୁ ଚୋରି କରି ଆଣିଥିଲେ ।

(iii) କଣ୍ଢେଇଟିକୁ ମିଲି ଗଣେଶ ପୂଜା ରୁ ଚୋରି କରି ଆଣିଥିଲେ ।

(iv) କଣ୍ଢେଇଟିକୁ ଚେମା ଲକ୍ଷ୍ମୀ ପୂଜା ରୁ ଚୋରି କରି ଆଣିଥିଲେ ।

୫. ଚ଼େମା ତା ଗାଁକୁ ଗଲାବେଳେ ତାକୁ କିଏ ଘରକୁ ଫେରାଇ ଆଣିଥିଲେ ? [1]

(i) ମିଟୁ ଚ଼େମାକୁ ଫାରାଇ ଘରକୁ ଫେରାଇ ଆଣିଲା ।

(ii) ମିଲି ଚ଼େମାକୁ ଘରକୁ ଫେରାଇ ଆଣିଲା ।

(iii) ସତୀକାନ୍ତ ବାବୁ ଚ଼େମାକୁ ଘରକୁ ଫେରାଇ ଆଣିଲେ ।

(iv) ରାଧା ଚ଼େମାକୁ ଫେରାଇ ଆଣିଥିଲା ।

୨. ଚ଼େମା ପୁନର୍ବାର ତା'ର ଗ୍ରାମକୁ କେବେ ଯିବ ବୋଲି କହିଥିଲା ? [1]

(i) ଦୋଳ ବେଳକୁ ଯିବ ।

(ii) କୁମାର ପୂର୍ଣ୍ଣିମା ବେଳକୁ ଯିବ ।

(iii) ରାକ୍ଷୀ ପୂର୍ଣ୍ଣୀମା ବେଳକୁ ଯିବ ।

(iv) ଦଶହରା ବେଳକୁ ଯିବ ।

10. ବୁଝିଲ, 'ଆମ ମିଲିର ଗୋଟାଏ କୀନ୍ ପାୱାର ଅଫ ଅବଜରଭେସନ୍ ଅଛି'- କିଏ କାହାକୁ କହିଛନ୍ତି ? [1]

(i) ସତୀକାନ୍ତ ବାବୁ ରାଧୀକୁ କହିଛନ୍ତି ।

(ii) ସତୀକାନ୍ତ ବାବୁ ପ୍ରତିମା ଦେବୀଙ୍କୁ କହିଛନ୍ତି ।

(iii) ମିଟୁ ପ୍ରତିମା ଦେବୀଙ୍କୁ କହିଛନ୍ତି ।

(iv) ମଦନ ବାବୁ ସତୀକାନ୍ତ ବାବୁଙ୍କୁ କହିଛନ୍ତି ।

## ଅଦୂର ସକାଳ - ପ୍ରଶାନ୍ତ ମହାନ୍ତି

## Adoora Sakala - Prashant Mohanty

6. "ସାର୍, ବସନ୍ତୁ ନା ସାର୍।" **[10 × 1]**

କପିଳାର ପିଠି ଥାପୁଡ଼ାଇ ରୁଦ୍ରନାରାୟଣ କହିଲେ "ଏକ ଛୋଟିଆ ସହରରେ ତୁମେ ଚ଼ମତ୍କାର କାମଟି କରିଛି କପିଳା ।"

1. ସାର କିଏ ? [1]

(i) ରବିନାରାୟଣ (ii) ରବିକୃଷ୍ଣ

(iii) ରୁଦ୍ରନାରାୟଣ (iv) କପିଳେନ୍ଦ୍ର

2. କପିଳା କେଉଁ ସ୍କୁଲରେ ପଢୁଥିଲା ? [1]

(i) ଉଦୟପୁର (ii) କାଞ୍ଚନପୁର

(iii) ନବଘନପୁର (iv) ଯାଜପୁର

3. ଚେୟାରରେ କିଏ ବସିଥିଲେ ? [1]

(i) କାଶିଆ (ii) କପିଳା

(iii) ରୁଦ୍ରନାରାୟଣ (iv) ରଘୁନାଥ

4. ଏଠାରେ କେଉଁ କ୍ଲବ କଥା କୁହାଯାଇଛି ? [1]

(i) ରିଡର୍ସ କ୍ଲବ (ii) ରିସର୍ଚ୍ଚ

(iii) ରିକ୍ରିଏସନ୍ କ୍ଲବ (iv) କ୍ଷୁଦ୍ର କ୍ଲବ

5. ପିଲାମାନେ ଅନ୍ତତଃ କେତେଜଣଙ୍କୁ ମେମ୍ବର କରିବେ ? [1]

(i) ୪ (ii) ୭

(iii) ୫ (iv) ୩

6. କପିଳା କେଉଁ ପରୀକ୍ଷା ଦେଇ ଘରକୁ ଆସିଥାଏ ? [1]

(i) ଡ଼ିଗ୍ରୀ (ii) ପ୍ରି-ଡ଼ିଗ୍ରୀ

(iii) ପୋଷ୍ଟ ଡ଼ିଗ୍ରୀ (iv) କଲେଜ ପରୀକ୍ଷା

7. କପିଳା କୁଆଡ଼େ ବୁଲିଗଲା ? [1]

(i) ଖଳାକୁ (ii) ନଈକୂଳକୁ

(iii) ରାସ୍ତା ଆଡ଼କୁ (iv) ବଜାରକୁ

8. ଜେଜେ କେବେ ମଲେ ? [1]

(i) ରଜ ଦି' ଦିନ ଥାଏ (ii) ରଥ ଦି' ଦିନ ଥାଏ

(iii) ଦୁର୍ଗାପୂଜା ସମୟରେ (iv) କୁଁଆର ପୁନେଁଇ ଦି' ଦିନ ଥାଏ

9. କାଣିଆ କିଏ ? [1]

(i) ମନ୍ତ୍ରୀ (ii) ଏମ୍. ଏଲ୍. ଏ.

(iii) କପିଳାର ସାଙ୍ଗ (iv) ସାର୍

10. ଯୁଧିଷ୍ଠିର କିଏ ? [1]

(i) ରିଡର୍ସ କ୍ଲବ ର ସଭ୍ୟ (ii) ରିକ୍ରିଏସନ୍ କ୍ଲବ୍ ର ସଭ୍ୟ

(iii) ଦରଦୀ କ୍ଲବ୍ ର ସଭ୍ୟ (iv) ରିସର୍ଚ୍ଚ କ୍ଲବ୍ ର ସଭ୍ୟ